ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/330/30-05-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୩୦ ମଇ, ୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶାର ଜନସାଧାରଣ ପଞ୍ଚମ ଥର ପାଇଁ ଆମକୁ ସେବାର ସୁଯୋଗ ଦେଇଛନ୍ତି । ଲୋକଙ୍କୁ ଆମେ ଦେଇଥିବା ପ୍ରତିଶ୍ରୁତି ଏବଂ ସେମାନଙ୍କ ଆଶାଆକାଂକ୍ଷାକୁ ପୂରଣ କରିବା ପାଇଁ କଠିନ ପରିଶ୍ରମ କରୁଛୁ । ଓଡ଼ିଶାର ଜନସାଧାରଣଙ୍କ ସହଯୋଗରେ କୋଭିଡ୍-୧୯ ସଂକଟର ମୁକାବିଲାରେ ଆମେ ବିଜୟୀ ହେବୁ ତଥା ଓଡ଼ିଶାର ରୂପାନ୍ତର ନିମନ୍ତେ ଆମର ଭଲ କାମ ଜାରି ରଖିବୁ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତାଙ୍କ ମନ୍ତ୍ରୀ ପରିଷଦ ଉପରୋକ୍ତ ମର୍ମରେ ସଂକଳ୍ପ ପାରିତ କରିଛନ୍ତି । ଗତ ଦୁଇ ଦଶନ୍ଧି ମଧ୍ୟରେ ବିପର୍ଯ୍ୟୟର ମୁକାବିଲା ପାଇଁ ଓଡ଼ିଶାର ଦକ୍ଷତା ନେଇ ବିଶ୍ୱ ନିଜର ଧାରଣା ବଦଳାଇ ଦେଇଛି । ଏକ ସମୟରେ ଆମ ପାଇଁ ଅନ୍ୟମାନେ ଦୟା ପ୍ରଦର୍ଶନ କରୁଥିଲେ । ଆଜି ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ମଡେଲ ବିଶ୍ୱରେ ଆଦୃତି ଅର୍ଜନ କରିପାରିଛି ବୋଲି ସେ କହିଛନ୍ତି ।
  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପରିବର୍ତ୍ତନର କେନ୍ଦ୍ରରେ ଗଭୀର ବିଶ୍ୱାସ ରହିଛି ଯେ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' । ଆମର ପ୍ରସ୍ତୁତି ଗୋଷ୍ଠୀ ଯୋଗଦାନ ଉପରେ ଆଧାରିତ ଏବଂ କୋଭିଡ୍-୧୯ ଆମ ପାଇଁ ଏକ ନୂତନ ବାସ୍ତବତା ସୃଷ୍ଟି କରିଛି । ବାତ୍ୟା ଆସୁଥିବା ଓ ଯାଉଥିବାବେଳେ, ମହାମାରୀ ମାନବସଂକଟର ଦୁଇଟି ନୂତନ ଦିଗ ଆଣିଛି । ପ୍ରଥମତଃ ସଂକଟ କେବେ ଆସିବ ସେ ନେଇ ସମୟସୀମା ନିର୍ଦ୍ଧାରଣ ସମ୍ଭବ ନୁହେଁ । ଦ୍ୱିତୀୟତଃ, ଏକ ସଂକଟ ନୂତନ ଏବଂ ଅପ୍ରତ୍ୟାଶିତ ରୂପ ଧାରଣ କରିପାରେ । ରାଜ୍ୟରେ ଏକ ବୃହତ ଜ୍ଞାନ ଭିତ୍ତିଭୂମି ସୃଷ୍ଟି କରିବାର ସମୟ ଆସିଛି ଯାହା ସମସ୍ତଙ୍କୁ ଯୋଦ୍ଧାରେ ପରିଣତ କରିବ ବୋଲି ସେ କହିଛନ୍ତି ।
  - ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ଆମେ ଭବିଷ୍ୟତ ପାଇଁ ନିଷ୍ପତ୍ତି ନେଉଛୁ । ଜଣାଶୁଣା ଜରୁରୀକାଳୀନ ପରିସ୍ଥିତିକୁ କିପରି ମୁକାବିଲା କରାଯିବ ଏବଂ ପୂର୍ବାନୁମାନ ହୋଇପାରୁ ନଥିବା ପରିସ୍ଥିତିକୁ କିପରି ସାମ୍ନା କରାଯିବ ସେ ନେଇ ଆମେ ଲୋକଙ୍କୁ ପ୍ରଶିକ୍ଷଣ ଦେବୁ । ବର୍ତ୍ତମାନଠାରୁ ବିପର୍ଯ୍ୟୟ ଏବଂ ମହାମାରୀ ପରିଚାଳନା ବିଷୟକୁ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ପାଠ୍ୟକ୍ରମର ଏକ ଅଂଶ ଭାବରେ ସାମିଲ କରାଯିବ ବୋଲି ସେ କହିଛନ୍ତି ।
  - ମାନ୍ୟବର ମୁଖ୍ୟମନ୍ତ୍ରୀ  କହିଛନ୍ତି ଯେ ଆମେ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାର ବିପର୍ଯ୍ୟୟର ମୌଳିକ ପ୍ରକୃତି ଏବଂ ମହାମାରୀର ପରିଚାଳନା ଉପରେ ତାଲିମ ଦେବୁ । ସରକାରୀ ଚାକିରି ଏବଂ

ନିଯୁକ୍ତିରେ ବିପର୍ଯ୍ୟୟ ଏବଂ ମହାମାରୀ ପରିଚାଳନା ଉପରେ ବାଧ୍ୟତାମୂଳକ ବିଷୟ ରହିବ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିପର୍ଯ୍ୟୟ ସମୟରେ ଆମର ନିର୍ବାଚିତ ପ୍ରତିନିଧିଙ୍କ ଭୂମିକାରେ ଯଥେଷ୍ଟ ପରିବର୍ତ୍ତନ ହୁଏ । ୱାର୍ଡ ସଦସ୍ୟଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ବିପର୍ଯ୍ୟୟ ଏବଂ ମହାମାରୀ ପରିଚାଳନା ଉପରେ ତାଲିମ ଦିଆଯିବ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଆମର ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟ, ବନ ସୁରକ୍ଷା ସମିତି ଏବଂ ଅନ୍ୟ ଗୋଷ୍ଠୀଭିତ୍ତିକ ସଂଗଠନଗୁଡ଼ିକୁ ତାଲିମ ଦେବୁ ଏବଂ ବିପର୍ଯ୍ୟୟ ତଥା ମହାମାରୀ ପରିଚାଳନା ପାଇଁ ସେମାନଙ୍କୁ ଆବଶ୍ୟକ ଜ୍ଞାନ ପ୍ରଦାନ କରିବୁ ।
- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁନର୍ବାର କହିଛନ୍ତି ଯେ ଜୈବିକ ହେଉ କିମ୍ବା ଜଳବାୟୁ ସଂପର୍କିତ ହେଉ, ଯେକୌଣସି ବିପର୍ଯ୍ୟୟ ପାଇଁ ପ୍ରସ୍ତୁତିରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ କରିବା ପାଇଁ ବ୍ୟବସ୍ଥିତ ତଥା ବିସ୍ତୃତ ତାଲିମ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ମନ୍ତ୍ରୀ ପରିଷଦ ନିଷ୍ପତ୍ତି ନେଇଛି । ଓଡ଼ିଶାର ପ୍ରତ୍ୟେକ ଘରେ ଯୋଦ୍ଧା ସୃଷ୍ଟି କରିବା ଏହାର ଲକ୍ଷ୍ୟ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିପର୍ଯ୍ୟୟ ତଥା ମହାମାରୀ ପ୍ରତିରୋଧୀ ଓଡ଼ିଶା ନିର୍ମାଣର ଏହି ମିଶନକୁ ଆଗକୁ ନେବା ପାଇଁ ଏକ ଟାସ୍କଫୋର୍ସ ଗଠନ କରାଯିବ । ଭବିଷ୍ୟତର ଜରୁରୀକାଳୀନ ପରିସ୍ଥିତି ପାଇଁ ଏହା ଆମର ସବୁଠାରୁ ବଡ଼ ପ୍ରସ୍ତୁତି ହେବ ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦୃଢ଼ ପ୍ରସ୍ତୁତି, ନିରାପତ୍ତା ପ୍ରଣାଳୀ ଯୋଗୁ ଓଡ଼ିଶାରେ ବାତ୍ୟା 'ୟାସ'ର କ୍ଷୟକ୍ଷତିକୁ ନିୟନ୍ତ୍ରିତ କରାଯାଇପାରିଛି । 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ନୀତି ଉପରେ ଧ୍ୟାନ ଦେଇ ଗତ ୨୧ ବର୍ଷ ମଧ୍ୟରେ ରାଜ୍ୟ ସାହସର ସହ ଏକାଧିକ ବାତ୍ୟାର ସଫଳ ମୁକାବିଲା ପରି ମୃତାହତ ସଂଖ୍ୟା କମ ରଖିପାରିଛି ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଜାତିସଂଘ ବିପର୍ଯ୍ୟୟ ବିପଦ ହ୍ରାସ (ୟୁଏନ୍‌ଡିଆର୍‌ଆର୍) ମୁଖ୍ୟ ମାମି ମିଜୁତୋରୀ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ବିଶ୍ୱସ୍ତରୀୟ ପ୍ରସ୍ତୁତି ଏବଂ କାର୍ଯ୍ୟପନ୍ଥା ଗଠନ କରିଥିବାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱକୁ ପ୍ରଶଂସା କରିଥିବାରୁ ସନ୍ତୋଷ ପ୍ରକାଶ କରି ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ ପୁଣିଥରେ ବିଶ୍ୱସ୍ତରରେ ଆଦୃତି ଲାଭ କରିଛି ବୋଲି ଉଲ୍ଲେଖ କରିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମସ୍ତ କୋଭିଡ୍ ସଂକ୍ରମିତଙ୍କ ପାଇଁ ଅମ୍ଳଜାନର ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ବିଦେଶରୁ ମେଡିକାଲ ଅକ୍ସିଜେନ୍ ସିଲିଣ୍ଡର ଆଣୁଛି: ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ, ଇଣ୍ଡିଆର କର୍ପୋରେଟ୍ ସାମାଜିକ ଦାୟିତ୍ୱ ମାଧ୍ୟମରେ ଆଜି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପ୍ରଥମ ଲଟ୍ ପହଞ୍ଚିଛି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସର୍ବଶେଷ ଗଣନା ଅନୁସାରେ ରାଜ୍ୟ ସରକାର ଏବଂ ସ୍ଥାନୀୟ ଲୋକଙ୍କ ସୁରକ୍ଷା ଯୋଗୁଁ ଗତ ୬ ବର୍ଷ ମଧ୍ୟରେ ବାସସ୍ଥାନ ବୃଦ୍ଧି ହେତୁ ଓଡ଼ିଶାରେ ବ୍ଲାକ୍‌ବଗ୍‌ଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଛି ।

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**

➤ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଆଜି ରାଜ୍ୟରେ କୋଭିଡ୍ ନିୟନ୍ତ୍ରଣ ପଦକ୍ଷେପଗୁଡ଼ିକ ଉପରେ ସୂଚନା ଦେଇଛନ୍ତି । ଆସନ୍ତା ଜୁନ ୧୭ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ଲକ୍‌ଡାଉନ୍ ଅବଧି ବୃଦ୍ଧି କରାଯାଇଥିବା ସେ ପ୍ରକାଶ କରିଛନ୍ତି ।  କିନ୍ତୁ ପୂର୍ବ ଘୋଷଣା ଅନୁଯାୟୀ ରହିଥିବା ବିଭିନ୍ନ କଟକଣା ଓ କୋହଳ ବଳବତ୍ତର ରହିବ । ଶୁକ୍ରବାର ସନ୍ଧ୍ୟା ୬ଟାରୁ ସୋମବାର ସକାଳ ୫ଟା ପର୍ଯ୍ୟନ୍ତ ସପ୍ତାହାନ୍ତ ସଟ୍‌ଡାଉନ୍ ପୂର୍ବ ପରି ଜାରି ରହିବ ।

- ଶ୍ରୀ ମହାପାତ୍ର କହିଛନ୍ତି ଯେ ବିଭିନ୍ନ ଦୋକାନବଜାର ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଖୋଲାରହିବ । କିନ୍ତୁ ନୂଆପଡ଼ା, ଗଜପତି ଓ ସୁନ୍ଦରଗଡ଼ ଜିଲ୍ଲାରେ ସଂକ୍ରମଣ ହାର ଦ୍ରୁତ ହ୍ରାସ ପାଉଥିବାରୁ ସେହି ତିନୋଟି ଜିଲ୍ଲାରେ ଦୋକାନବଜାରଗୁଡ଼ିକ ସକାଳ ୭ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଖୋଲାରହିବ ।

- ସେ ପୁନଶ୍ଚ କହିଛନ୍ତି ଯେ ରାଜ୍ୟରେ ଦୈନିକ କୋଭିଡ୍ ପରୀକ୍ଷଣ ସଂଖ୍ୟା ବୃଦ୍ଧି ପାଇ ୭୦ ହଜାରରେ ପହଞ୍ଚିଛି । ସେ ଜନସାଧାରଣଙ୍କୁ ମାସ୍କ ବ୍ୟବହାରକରିବା, ହାତ ଧୋଇବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ କୋଭିଡ୍ ମାର୍ଗଦର୍ଶିକାର କଠୋର ଅନୁପାଳନ ନିମନ୍ତେ ଅନୁରୋଧ କରିଛନ୍ତି ।

➤ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପି.କେ. ମହାପାତ୍ର ଆଜି ରାଜ୍ୟର କୋଭିଡ୍ ପରିସ୍ଥିତି ଓ ଏହାକୁ ପ୍ରତିହତ କରିବା ପାଇଁ ଭବିଷ୍ୟତ ରଣନୀତି ବାବଦରେ ସୂଚନା ଦେଇଛନ୍ତି । ରାଜ୍ୟରେ ପଜିଟିଭ ହାର କ୍ରମେ କ୍ରମେ ହ୍ରାସ ପାଉଛି ବୋଲି ସେ ପ୍ରକାଶ କରିଛନ୍ତି । ସେ ପୁଣି କହିଛନ୍ତି ଯେ ରାଜ୍ୟରେ ଯଥେଷ୍ଟ ପରିମାଣରେ ଔଷଧ ସହିତ ଗୋଟିଏ ଟାସ୍କଫୋର୍ସର ତଦାରଖରେ ମେଡିକାଲ ଅକ୍ସିଜେନ ଓ ସିଲିଣ୍ଡର ଉପଲବ୍ଧ ହେଉଛି । ସେ ବିଭିନ୍ନ ଅଞ୍ଚଳରେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିୟୋଜିତ କରାଯାଇଥିବାର ପ୍ରକାଶ କରି ରାଜ୍ୟରେ ଟିକାକରଣ କାର୍ଯ୍ୟକ୍ରମ ଉପରେ ଉଲ୍ଲେଖ କରିଛନ୍ତି । ସେ ମଧ୍ୟ ଜନସାଧାରଣଙ୍କୁ ସଠିକ କୋଭିଡ୍ ବ୍ୟବହାର ଅନୁପାଳନ ନିମନ୍ତେ ନିବେଦନ କରିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧରାତ୍ରି ସୁଦ୍ଧା ଓଡ଼ିଶାରେ ୧,୧୭,୧୧,୪୫୯ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୭,୫୬, ୬୮୪ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୬,୫୮, ୬୪୬ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୨୭୧୯ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୯୫,୨୬୬ ରହିଛି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**‘ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ’**